# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29th June - 2024**

**News Editor : *Itishree Singh Rathuar***

*******************************

## ମୁଖ୍ୟ ସମ୍ବାଦ

- ‘ମନ୍ କୀ ବାତ’ର ୧୧୧ତମ ସଂସ୍କରଣରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସହ କରିବେ ଭାବ ବିନିମୟ ।

- ରାଜ୍ୟରେ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାରଠାରୁ ଆରମ୍ଭ ହେବ ।

— ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିବେ ଅଭିଯୋଗ ଶୁଣାଣି ।

- ଓଡ଼ିଶା ବିଧାନସଭାକୁ ଆସନ୍ତା ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରିବା ପାଇଁ ନିଆଗଲା ପଦକ୍ଷେପ ।

ଏବଂ

- ପି.ଏମ୍.-ଜନମନ ଯୋଜନାରେ ୨୯ଟି ରାସ୍ତାର ନିର୍ମାଣ ଓ ଉନ୍ନତୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିଳିଲା ମଞ୍ଜୁରି ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ଏହା ୧୧୧ତମ ସଂସ୍କରଣ ହେବ । କ୍ରମାଗତ ଭାବେ ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ପ୍ରଥମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ 'ମନ୍ କୀ ବାତ୍' ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । 'ମନ୍ କୀ ବାତ୍' ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

*CMO*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଅଭିଯୋଗ ଶୁଣାଣି ପାଇଁ ସେହିଦିନ ପୂର୍ବାହ୍ନ ୯ଟାରୁ ଅଭିଯୋଗ ପଞ୍ଜୀକରଣ ଆରମ୍ଭ ହେବ । ଅଭିଯୋଗ ଶୁଣାଣି ଦିନ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗକାରୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଅଭିଯୋଗ ଜଣାଇପାରିବେ ।

ସେହିପରି ଜିଲ୍ଲାସ୍ତରରେ ପ୍ରତ୍ୟେକ ସୋମବାର ଦିନ ଜିଲ୍ଲାପାଳମାନେ ଲୋକଙ୍କ ଅଭିଯୋଗ ଶୁଣିବେ । ଅଭିଯୋଗ ଶୁଣାଣି ପରେ ଏହାର ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଅଭିଯୋଗ ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା ଜନଶୁଣାଣି ପୋର୍ଟାଲ୍‌ରେ ପଞ୍ଜିକୃତ କରିବାପାଇଁ ବାଧ୍ୟତାମୂଳକ କରାଯାଇଛି ।

*HS*

## ବିଧାନସଭା - ଡିଜିଟାଇଜେସନ୍

ଓଡ଼ିଶା ବିଧାନସଭାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରାଯିବା ସହିତ କାଗଜବିହୀନ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟ କରିବାପାଇଁ ଦାୟିତ୍ୱ ନେଇଥିବା 'ନେଭା' ପକ୍ଷରୁ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ଅସନ୍ତା ଦୁଇ ବର୍ଷ ମଧ୍ୟରେ ବିଧାନସଭାର ସମସ୍ତ କାର୍ଯ୍ୟର କମ୍ପ୍ୟୁଟରୀକରଣ ଶେଷ ହେବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ।

*CMO*

## ମୁଖ୍ୟମନ୍ତ୍ରୀ - ଜେ.ପି. ନଡ୍ଡା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ. ପି. ନଡ୍ଡାଙ୍କୁ ନୂଆଦିଲ୍ଲୀରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଏବଂ ସାରର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଶ୍ରୀ ମାଝୀ' କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡାଙ୍କ ସହ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ମଧ୍ୟ ଶ୍ରୀ ନଡ୍ଡାଙ୍କୁ ଭେଟିଥିଲେ ।

*HS*

# ଅମରନାଥ ତୀର୍ଥଯାତ୍ରୀ

ଶ୍ରୀଅମରନାଥ ଜିଉଙ୍କ ବାର୍ଷିକ ଯାତ୍ରା କାଶ୍ମୀର ଘାଟିର ଉଭୟ ମାର୍ଗରେ ଆରମ୍ଭ ହୋଇଛି । ତୀର୍ଥଯାତ୍ରୀମାନେ ଆଜି ସକାଳ ସାଢ଼େ ୫ଟା ସମୟରେ ୨୦୦ଟି ବାହନ ମାଧ୍ୟମରେ କାଫିଲେ ମୂଳଶିବିରରୁ ବାହାରିଛନ୍ତି । ଅମରନାଥ ତୀର୍ଥଯାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅମରନାଥ ତୀର୍ଥ ତୀର୍ଥଯାତ୍ରୀମାନଙ୍କ ସୁଖଦ ଓ ସୁଗମ ଯାତ୍ରା କାମନା କରିଛନ୍ତି ।

*IPR*

# ପି.ଏମ୍. - ଜନମନ ରାସ୍ତା ନର୍ମାଣ

ପି.ଏମ୍. - ଜନମନ  ଯୋଜନା ଅଧୀନରେ ରାଜ୍ୟର ୨୯ଗୋଟି ରାସ୍ତା ନିର୍ମାଣ ଏବଂ ଉନ୍ନତୀକରଣ କାର୍ଯ୍ୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁରି ପ୍ରଦାନ କରାଯାଇଛି । ୧୨୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚରେ ପ୍ରାୟ ୯୮ କିଲୋମିଟର ରାସ୍ତା ନିର୍ମାଣ ଓ ଉନ୍ନତୀକରଣ ହେବ ବୋଲି ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । ପୂର୍ବରୁ ୧୧ଗୋଟି ରାସ୍ତା ଏବଂ ଦୁଇଟି ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରାୟ ସାଢ଼େ ୭୫ କୋଟି ଟଙ୍କା ବ୍ୟୟର

ମଞ୍ଜୁରି ଦେଇଛନ୍ତି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ - ପି.ଏମ୍. ଜନମନ ଯୋଜନାଦ୍ୱାରା ଭାରତ ସରକାରଙ୍କର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅନୁନ୍ନତ ଜନଜାତି ସମୁଦାୟଙ୍କ ବିକାଶପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା ପକ୍କା ରାସ୍ତା ନିର୍ମାଣ କରାଯାଇ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

***CMO***

## ମୁଖ୍ୟମନ୍ତ୍ରୀ - ଶୋକ

ଲଦାଖ୍‌ରେ ଯୁଦ୍ଧ ଅଭ୍ୟାସ ଚାଲିଥିବାବେଳେ ଏକ ନଦୀରେ ସେନାବାହିନୀର ଏକ ଟ୍ୟାଙ୍କ୍ ଭାସିଯିବାରୁ ୫ ଜଣ ଯବାନଙ୍କ ସହିଦ୍ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସହିଦ୍ ଯବାନମାନଙ୍କ ବଳିଦାନ ଦେଶରକ୍ଷା କ୍ଷେତ୍ରରେ ସବୁଦିନପାଇଁ ସ୍ମରଣୀୟ ହୋଇ ରହିବ । ମୁଖ୍ୟମନ୍ତ୍ରୀ ସହିଦ ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

***CMO***

# କୁମ୍ଭୀର ଆକ୍ରମଣ - ଅନୁକମ୍ପା ସହାୟତା

ଅନୁଗୁଳ ଜିଲ୍ଲାର ଟିକରପଡ଼ାଠାରେ ମହାନଦୀରେ କୁମ୍ଭୀର ଆକ୍ରମଣରେ ଜଣେ ବାଳକର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତବାଳକର ପରିବାରର ନିଟକତମ ଆତ୍ମୀୟଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ, ଆଜି ପୂର୍ବାହ୍ନରେ ସାଙ୍ଗମାନଙ୍କ ସହିତ ଗାଁ ନିକଟରେ ପ୍ରବାହିତ ମହାନଦୀରେ ଗାଧୋଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

***Ganjam/R***

# ଅଗ୍ନିବୀର - ର୍‍ୟାଲି ଗଞ୍ଜାମ

ବ୍ରହ୍ମପୁରସ୍ଥିତ ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍‌ଠାରେ ଆସନ୍ତା ମଙ୍ଗଳବାରଠାରୁ ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକର ଆଶାୟୀ ପ୍ରାର୍ଥୀମାନେ ଅଗ୍ନିବୀର ଚୟନ ର୍‍ୟାଲିରେ ଯୋଗଦେବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ

ସ୍ୱଚ୍ଛ କରିବାପାଇଁ ପଦକ୍ଷେପ ନିଆଯାଇଛି । ପ୍ରଲୋଭନର ଶିକାର ନ ହେବାପାଇଁ ପ୍ରାର୍ଥୀମାନଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରିଦିଆଯାଉଛି ।

***Ganjam/R***

## ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସଂସ୍କୃତି ଭବନରେ ଆସନ୍ତା ମାସ ୨୫ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । କନିଷ୍ଠ ବର୍ଗରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଭାଗ ନେଇପାରିବେ । ସେହିପରି ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଏବଂ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ତଥା ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତା ହେବ ବୋଲି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନେ ଆସନ୍ତା ୮ ତାରିଖ ଦିନ ଛତ୍ରପୁର ସଂସ୍କୃତି ଭବନଠରେ ନାମ ପଞ୍ଜୀକରଣ କରିବାପାଇଁ କୁହାଯାଇଛି ।

*Gajapati/R*

## ଶିଶୁଶ୍ରମିକ ଉଚ୍ଛେଦ କର୍ମଶାଳା

ଗଜପତି ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁଶ୍ରମିକ ଉଚ୍ଛେଦ ଏବଂ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସମ୍ବିଧାନରେ ଉଲ୍ଲେଖ ଥିବା ମୌଳିକ ଅଧିକାର ସମେତ ବିଭିନ୍ନ ଧାରା ବିଷୟରେ ଆଲୋକପାତ କରିଥିଲେ ।

*Boudh/R*

## କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠଠାରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯାଜ୍ଞସେନୀ ଖେତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବି.ଇ.ଓ.

ଯୋଗଦେଇ କ୍ରୀଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଶିବିରରେ ବ୍ଲକ୍‌ର ୩୭ଟି ହାଇସ୍କୁଲ୍‌ର କ୍ରୀଡ଼ା ଶିକ୍ଷକମାନେ ଯୋଗ ଦେଇଥିଲେ ।

*Sundargarh/R*

## ବିଧାୟକ - ହକି ଛାତ୍ରାବାସ

ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଆଜି ରାଉରକେଲା ରାଜ୍ୟ ହକି ଛାତ୍ରାବାସ ପରିଦର୍ଶନ କରିଥିଲେ । ଛାତ୍ରାବାସରେ ରହୁଥିବା କ୍ରୀଡ଼ାବିତ୍‌ମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀମାନଙ୍କର ସମସ୍ୟାର ଖୁବ୍ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ତନ୍ତୀ କହିଛନ୍ତି ।

*Desk*

## ରଥଯାତ୍ରା - ସ୍ୱତନ୍ତ୍ର ଟ୍ରେନ୍

ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଅଧିକ ସଂଖ୍ୟକ ଯାତ୍ରୀ ସମାଗମ ହେବାର ସମ୍ଭାବନା ଥିବାରୁ ପୂର୍ବତଟ ରେଳବାଇ ପକ୍ଷରୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ଯୋଜନା କରାଯାଇଛି। ଜୁଲାଇ ମାସ ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ। ରଥଯାତ୍ରା ବ୍ୟତୀତ ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ ଓ ଅଧରପଣା ଏବଂ ଚଳିତଥର

ଗୁଣ୍ଡିଚା ଯାତ୍ରା ଦୁଇଦିନ ଧରି ପାଳନ କରାଯିବାକୁ ଥିବାରୁ ଅଧିକ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପଧରୁ ସୂଚନା ମିଳିଛି ।

***Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଗାଙ୍ଗେୟ ଉପତ୍ୟକାରେ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଗତ ଦୁଇ ଦିନ ଧରି ବର୍ଷା ଲାଗିରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ସମେତ ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଅନୁଗୁଳ, ଜଗତ୍‌ସିଂହପୁର ଜିଲ୍ଲାର କେତେକ ସ୍ଥାନରେ ବର୍ଷା ଲାଗି ରହିବ । ପାଣିପାଗ ବିଭାଗ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରେ ସର୍ବାଧିକ ୧୦୯ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଥିବାବେଳେ ଢେଙ୍କାନାଳରେ ୫୦ ଦଶମିକ ୫ ଏବଂ ବଲାଙ୍ଗିରରେ ୪୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ।

*****